# ବାରାଙ୍ଗନା

ଏଇ ସ୍ୱପ୍ନ ସହରର
ଏକ ନିର୍ଜନ ବତୀଖୁଣ୍ଟ ତଳେ
କିଏ ତୁମେ ଅନାଥିନୀ
କାହା ଅଭିସାର ରଚି
ମେଲିଛ ଗୋ ପ୍ରେମର ପସରା ?
ତୁମ ଦେହେ
ନାହିଁ ତନ୍ଦ୍ରା, ନାହିଁ ଶକ୍ତି, ନାହିଁ ଅନୁଭବ
ନାହିଁ ପ୍ରେମ ସଂଭାଷଣେ ମନ
ତଥାପି ତୁମେ ପ୍ରେମିକା
ପଥଭ୍ରଷ୍ଟ, ଅପରିଚିତ, ହୀନ ଚରିତ୍ର କାମୁକମାନଙ୍କ
ସେମାନେ ଯେ ଦେବତାର ଅନବଦ୍ୟ ସୃଷ୍ଟି
ଏବଂ ତୁମ ଦେହ ପ୍ରକୃତିର ଦାନ ।

ଏ ଅବୁଝା ସହରଟା ହାତଠାରି
ସମସ୍ତଙ୍କୁ ଡ଼ାକେ
ଦୁଃଖୀ ଆଉ ଅରକ୍ଷିତ, ଅପାଂକ୍ତେୟ ରୋଗୀ ଆଉ
ଭୋଗୀ
ଏବଂ ଯେତେ ଧର୍ଷିତାର ଦଳ
ଆସ ଆସ ଏଥି ଛାଡ଼ି ନିଜ ଭିଟାମାଟି
ତୁବନ ଦିଅରେ ଆସି
ଏ ସଭ୍ୟତାର ଘୃଣ୍ୟ ଆତୁଆଳ ତଳେ
ଏବଂ ହୋଇଯାଅ ଏ ସହରବାସୀ ।

ତୁମେ ବି ଅନେକ ଆଶାନେଇ
ଆସିଥିବ ଏଇ ସହରକୁ
ହେଲେ .......
ଦେହଲୋଭୀ ଏ ସମାଜର ପିଶାଚ ଦଳ
ଦେଖିଲାନି ତୁମଠାରେ
ମା'ର ମମତା --- ଭଗିନୀର ସ୍ନେହ
ସେବିକାର ଯତ୍ନ --- ଅପତ୍ୟର ପ୍ରେମ
ସେ ଦେଖିଲା ତୁମ ଦେହେ ଜଳିଲା ଯୌବନ
ଚିର ଇପ୍‌ସିତ
ତା'ର ମନସାଧ ମେଣ୍ଟାଇଲା
ପଶୁର ପ୍ରବୃତ୍ତି ।

ହେଲେ ମାତା !
ତୁମେ ଯେ ଅନନ୍ୟା
ଲୁହ ଦେଇ --- ଲହୁ ଦେଇ
ବାସନାହୀନ ପ୍ରାଣ ଦେଇ
ପଶୁର ପାଥେୟ ସଂଗେ
ହୋଇ ଏକାକାର
ହୋଇ ନିର୍ବିକାର
ବହିନେଲ ଏ ଦୁର୍ବିନିତ
ସଂସାରର ସମସ୍ତ ଜଂଜାଳ
ତିଳ ତିଳ ଦଗ୍ଧହୋଇ
ଭେଟିବାକୁ ଦିନେ ମହାକାଳ ।